# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 28 July – 2025

### News Editor : Satyanarayan Pattnaik

**********************************

## ମୁଖ୍ୟ ସମ୍ବାଦ

- ଲୋକସଭାରେ ଅପରେସନ୍ ସିନ୍ଦୂର ସମ୍ପର୍କିତ ସ୍ୱତନ୍ତ୍ର ଆଲୋଚନା ଜାରି; ଆସନ୍ତାକାଲି ରାଜ୍ୟସଭାରେ ହେବ ଆଲୋଚନା
- ଲୋକମାନଙ୍କର ଅସୁବିଧାକୁ ସରକାର ଅତି ଗୁରୁତ୍ୱର ସହ ବିଚାର କରି ସମାଧାନର ରାସ୍ତା ପାଇଁ ପ୍ରୟାସ ଜାରି ରଖିଛନ୍ତି, କହିଲେ ମୁଖ୍ୟମନ୍ତ୍ରୀ
- ଆୟୁଷ୍ମାନ ଯୋଜନା ଅଧୀନରେ ଗତ ୩ ମାସରେ ରାଜ୍ୟର ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ମିଳିଛି ଚିକିତ୍ସା ସୁବିଧା
- ଶ୍ରାବଣ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଖସାପଡା ନୀତି

ଏବଂ

- "ସଚେତନ ଓ ସକ୍ରିୟ  ରହି ହେପାଟାଇଟିସ ବିରୁଦ୍ଧରେ କାର୍ଯ୍ୟ କରିବା ଏବଂ ଏହାର ଶୃଙ୍ଖଳକୁ ପ୍ରତିହତ କରିବା"ର ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ହେପାଟାଇଟିସ୍ ଦିବସ

## ଲୋକସଭା-ଆଲୋଚନା

ଲୋକସଭାରେ ଆଜି ପହଲଗାମ୍‌ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଅନ୍ତର୍ଗତ ଭାରତର କାର୍ଯ୍ୟାନୁଷ୍ଠାନ ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଛି। ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଏହି ପ୍ରସଙ୍ଗରେ ଆଲୋଚନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟକ୍ରମେ ଶାସକ ଓ ବିରୋଧିଦଳ ଗୁଡ଼ିକ ପକ୍ଷରୁ ସାଂସଦମାନେ ଏହି ପ୍ରସଙ୍ଗରେ ନିଜ ନିଜ ପ୍ରତିକ୍ରିୟା ରଖିବେ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ଆଜି ଲୋକସଭାରେ ଏହି ପ୍ରସଙ୍ଗରେ ମଧ୍ୟାହ୍ନ ୧୨ଟାରୁ ୧୬ ଘଣ୍ଟା ଧରି ଆଲୋଚନା ହେବାର ଥିଲା। ତେବେ ବିଭିନ୍ନ ପ୍ରସଙ୍ଗରେ ବିରୋଧୀଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ କରାଯିବା ଯୋଗୁଁ ଲୋକସଭାକୁ ୩ଟି ପର୍ଯ୍ୟାୟରେ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଥିଲା। ଆସନ୍ତାକାଲି ରାଜ୍ୟସଭାରେ ମଧ୍ୟ ଏହି ପ୍ରସଙ୍ଗରେ ୧୬ ଘଣ୍ଟା ଧରି ଆଲୋଚନା କରାଯିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି।

## ଜନଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଆଜି ଭୁବନେଶ୍ୱର ୟୁନିଟ୍-୨ସ୍ଥିତ କ୍ୟାପିଟାଲ୍ ନର୍ସରୀ ନିକଟରେ ଅନୁଷ୍ଠିତ ହୋଇଛି। ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା ଜନସାଧାରଣଙ୍କ ଅଭିଯୋଗକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଣିବା ସହ ତ୍ୱରିତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ସାମାଜିକ

ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି, ଲୋକଙ୍କ ସରକାରରେ କେହି ଜଣେ ମଧ୍ୟ ନ୍ୟାୟ ପାଇବାରୁ ବଂଚିତ ନହେବେ ସେଥିପାଇଁ ସବୁ ପ୍ରକାର ପ୍ରୟାସ କରାଯାଉଛି। ସାଧାରଣ ଜନତାଙ୍କ ଅସୁବିଧାକୁ ସରକାର ଅତି ଗୁରୁତ୍ୱର ସହ ବିଚାର କରି ସମାଧାନ ପାଇଁ ସର୍ବଦା ତତ୍ପର ଅଛନ୍ତି।

ଏହି ଶୁଣାଣିରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍, ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ଆୟୁଷ୍ମାନ ଯୋଜନା

ଆୟୁଷ୍ମାନ ଯୋଜନା ଅଧିନରେ ୩ ମାସ ମଧ୍ୟରେ ଓଡ଼ିଶାର ଅଢ଼େଇ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଛି। ଲୋକସଭାରେ କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଆୟୁଷ୍ମାନ ଯୋଜନା ସମ୍ପର୍କିତ ତଥ୍ୟ ପ୍ରଦାନ କରିଛନ୍ତି। ଗତ ଏପ୍ରିଲ ମାସ ୧୧ ତାରିଖରୁ ଆୟୁଷ୍ମାନ ଯୋଜନା ରାଜ୍ୟରେ ଲାଗୁ କରାଯାଇଥିଲା। ଜୁନ୍ ୩୦ ତାରିଖ ସୁଦ୍ଧା ୨ ଲକ୍ଷ ୬୨ ହଜାର ୯୧ ଜଣ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁବିଧା ମିଳିଛି। ବର୍ତ୍ତମାନ ସୁଦ୍ଧା ରାଜ୍ୟର ୩ କୋଟି ୪୪ ଲକ୍ଷ ୭୨ ହଜାର ୨୩୭ ଜଣ ଲୋକ ଆୟୁଷ୍ମାନ କାର୍ଡ କରି ସାରିଲେଣି। ଆୟୁଷ୍ମାନ ହିତାଧିକାରୀଙ୍କ ସଂଖ୍ୟାରେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି। ଉତ୍ତରପ୍ରଦେଶରେ ସର୍ବାଧିକ ୪ କୋଟିରୁ ଊର୍ଦ୍ଧ୍ୱ ଲୋକ ଆୟୁଷ୍ମାନ ଯୋଜନାରେ ସାମିଲ ହୋଇଛନ୍ତି।

## ବିଦ୍ୟାଳୟ ନିରାପତ୍ତା ଯାଞ୍ଚ

ସମସ୍ତ ସରକାରୀ ବିଦ୍ୟାଳୟରେ ନିରାପତ୍ତା ଯାଞ୍ଚ ପାଇଁ କେନ୍ଦ୍ର ସରକାର ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ ଚିଠି ଲେଖାଯାଇଛି । ଅଗ୍ନି ନିରାପତ୍ତା, ଜରୁରୀକାଳିନ ପ୍ରସ୍ଥାନ ଓ ବୈଦ୍ୟୁତିକ ତାର ଆଦିର ଯାଞ୍ଚ ଉପରେ ମନ୍ତ୍ରଣାଳୟ ଗୁରୁତ୍ୱ ଦେଇଛି । କର୍ମଚାରୀ ଏବଂ ଶିକ୍ଷାର୍ଥୀଙ୍କୁ ଜରୁରୀକାଳିନ ପ୍ରସ୍ତୁତି ତାଲିମ୍ ସୁନିଶ୍ଚିତ କରିବାକୁ ଏହି ଚିଠିରେ ଲେଖାଯାଇଛି ।

## ଇନ୍‌ଷ୍ଟାଗ୍ରାମ୍ ହ୍ୟାକ୍

ଉଚ୍ଚଶିକ୍ଷା ବିଭାଗର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ଆଜି କିଛି ସମୟ ପାଇଁ ହ୍ୟାକ୍ ହୋଇଥିବା ଜଣାପଡିଛି । ବିଭାଗର କାର୍ଯ୍ୟକଳାପ ସହ ସମ୍ପୃକ୍ତ ନଥିବା କିଛି ପୋଷ୍ଟ ଅପ୍‌ଲୋଡ୍ ହୋଇଥିବା ନଜରକୁ ଆସିଥିଲା । ବିଭାଗ ପକ୍ଷରୁ ଏହାକୁ ତୁରନ୍ତ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା ।  ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ବନ୍ଧରେ ବିହିତ ପଦକ୍ଷେପ ନିଆଯାଉଛି ।

## ଅଗ୍ନିବୀର ବାୟୁ

ଭାରତୀୟ ବାୟୁସେନା 'ଅଗ୍ନିବୀର ବାୟୁ' ନିଯୁକ୍ତି ପାଇଁ ଅବିବାହିତ ଭାରତୀୟ ପୁରୁଷ ଓ ମହିଳାଙ୍କ ପ୍ରାର୍ଥୀଙ୍କଠାରୁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ ଚାଲିଛି । ଆସନ୍ତା ଗୁରୁବାର ୩୧ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଚାଲିବ । ଆସନ୍ତା ସେପ୍ଟେମ୍ବର ମାସ ୨୫ ତାରିଖ ଦିନ ନିଯୁକ୍ତି ପାଇଁ ପରୀକ୍ଷା

ଅନୁଷ୍ଠିତ ହେବ। ଆବେଦନକାରୀ ପ୍ରାର୍ଥୀ ୨୦୦୫ ମସିହା ଜୁଲାଇ ମାସ ୨ ତାରିଖରୁ ୨୦୦୯ ମସିହା ଜାନୁୟାରୀ ମାସ ୨ ତାରିଖ ମଧ୍ୟରେ ଜନ୍ମ ହୋଇଥିବା ଆବଶ୍ୟକ।

## ଖସାପଡ଼ା ଲାଗି

ପୁରୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ଖସାପଡ଼ା ଲାଗି ନୀତି ଆଜି ଶ୍ରାବଣ ଶୁକ୍ଲପକ୍ଷ ଚତୁର୍ଥୀ ତିଥିରେ ଅନୁଷ୍ଠିତ ହେବ । ଦ୍ୱିତୀୟ ଭୋଗମଣ୍ଡପ ଭୋଗ ନୀତି ଶେଷ ହେବା ପରେ ଦଇତାପତି ସେବକମାନେ ଗର୍ଭଗୃହକୁ ପ୍ରବେଶ କରି ଠାକୁରଙ୍କର ଖସାପଡା ନୀତି ସମ୍ପନ୍ନ କରିବେ। ଏହି ନୀତି ଶ୍ରୀଜୀଉଙ୍କ ଶ୍ରୀପୟରର ସୁରକ୍ଷା ଲାଗି କରାଯାଇଥାଏ। ମହାପ୍ରଭୁଙ୍କ ଶ୍ରୀପୟରକୁ ଧଳା କପଡାରେ ଘୋଡାଇ ଦିଆଯାଏ। ଏହି ନୀତି ପାଇଁ ପୂର୍ବ ଦିନରୁ ଦେଉଳ କରଣ ଧଳା କନା ଧୋଇ ଶୁଖାଇ ଗାରଦରେ ଜମା ଦେଇଥାନ୍ତି। ବର୍ଷକୁ ଦୁଇରୁ ତିନି ଥର ଏହି ନୀତି ଅନୁଷ୍ଠିତ ହୋଇଥାଏ। ଏହି ନୀତି ପାଇଁ ସଂଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।

## ଶ୍ରାବଣ ସୋମବାର

ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ଆଜି ରାଜ୍ୟର ବିଭିନ୍ନ ଶୈବପୀଠରେ ଜଳଲାଗି କରାଯାଇଛି। ଭୁବନେଶ୍ୱରର ଲିଙ୍ଗରାଜ

ମନ୍ଦିର, ପୁରୀର ଲୋକନାଥ, କଟକର ଧବଳେଶ୍ୱର ଆଦି ପ୍ରମୁଖ ଶୈବପୀଠରେ କାଉଡିଆମାନେ ଜଳଲାଗି କରିଛନ୍ତି।

**ଭଦ୍ରକ** ଜିଲ୍ଲା ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠରେ  ହଜାର ହଜାର ବୋଲବମ୍ ଭକ୍ତମାନେ ଜଳାଭିଷେକ କରିଛନ୍ତି। ସେହିପରି **ନୟାଗଡ଼** ଜିଲ୍ଲା ଲଡୁବାବାଙ୍କ ପୀଠରେ ଜଳଲାଗି କରାଯାଇଛି। ପ୍ରବଳ ଭିଡକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। **ସୁବର୍ଣ୍ଣପୁର** ଜିଲ୍ଲାର ଶତାଧିକ ଶିବ ମନ୍ଦିରରେ ଜଳଲାଗି କରାଯାଇଛି। ବାବା ପଶ୍ଚିମ ସୋମନାଥ ଆଜି ବଡ଼ ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। **ନବରଙ୍ଗପୁର** ଜିଲ୍ଲାର ରାଇଘର ବ୍ଲକ୍‌ରୁ ଉମରକୋଟକୁ ବୋଲବମ୍ ଭକ୍ତମାନେ ଫେରୁଥିବାବେଳେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସେମାନଙ୍କୁ ଫଳ ଓ ପାନୀୟ ପ୍ରଦାନ କରିଥିଲେ।

# ହେପାଟାଇଟ୍‌ସ ଦିବସ

ଯକୃତ ବା ଲିଭର୍ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା ଲାଗି ଆଜି ବିଶ୍ୱ ହେପାଟାଇଟ୍‌ସ ଦିବସ ପାଳନ କରାଯାଉଛି । ୨୦୧୦ ମସିହାରୁ ଏହି ଦିବସ ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ ପୃଥିବୀରେ ପ୍ରତି ୩୦ ସେକେଣ୍ଡ୍‌ରେ ଜଣେ ହେପାଟାଇଟସ୍ ଆକ୍ରାନ୍ତ ରୋଗୀଙ୍କ ମୃତ୍ୟୁ ହୋଇଥାଏ। ୨୦୩୦ ମସିହା ସୁଦ୍ଧା ହେପାଟାଇଟିସ୍ ଭାଇରସ୍‌କୁ ଦୂର କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସମସ୍ତ ଦେଶଗୁଡ଼ିକୁ ମିଳିତ

ଭାବେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଛି। ବିଶ୍ୱ ହେପାଟାଇଟିସ୍ ମେଣ୍ଟ୍ର ତଥ୍ୟ ଅନୁସାରେ ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୯୦ ପ୍ରତିଶତ ହେପାଟାଇଟିସ୍-ବି ଓ ୮୦ ପ୍ରତିଶତ ହେପାଟାଇଟିସ୍-ସି ଦ୍ୱାରା ସଂକ୍ରମଣ ହେଉଥିଲେ ମଧ୍ୟ ସେମାନେ ଏହି ରୋଗରେ ପୀଡିତ ହୋଇଥିବା ଜାଣି ପାରନ୍ତି ନାହିଁ। ଚଳିତବର୍ଷ ହେପାଟାଇଟ୍ସ ଦିବସର ବାର୍ତ୍ତା ହେଉଛି "ଆସନ୍ତୁ, ସଚେତନ ଓ ସକ୍ରିୟ ରହି ଭାଇରାଲ୍ ହେପାଟାଇଟ୍ସ ବିରୁଦ୍ଧରେ କାର୍ଯ୍ୟ କରିବା ଏବଂ ଏହାର ଶୃଙ୍ଖଳକୁ ପ୍ରତିହତ କରିବା" । ଜଣେ ନବଜାତ ଶିଶୁକୁ ଜନ୍ମ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ହେପାଟାଇଟ୍ସ ପ୍ରତିଷେଧକ ଟିକା ଦିଆଯିବା ନିତାନ୍ତ ଜରୁରୀ । ଏହି ଟିକା ସବୁ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ହୋଇପାରୁଛି ।

ହେପାଟାଇଟିସ୍ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ପରାମର୍ଶ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଭୂତାଣୁଜନିତ ଦୁଃସାଧ୍ୟ ରୋଗଠାରୁ ଦୂରେଇ ରହିବା ପାଇଁ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଦେଇଛନ୍ତି।

ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ମଧ୍ୟ ଆଜି ପାଳନ କରାଯାଉଛି । ପ୍ରାକୃତିକ ପରିବେଶର ସୁରକ୍ଷା ସହିତ ପ୍ରାଣୀମାନଙ୍କର ସଂରକ୍ଷଣ ଲାଗି ଆଜି ଏହି ଦିବସ ପାଳନ କରାଯାଉଛି । ଭବିଷ୍ୟତ ପିଢିଙ୍କ ପାଇଁ ପରିବେଶ ସଂରକ୍ଷଣ

ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱର ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି ।

ପ୍ରକୃତିର ଅସନ୍ତୁଳନ ଯୋଗୁଁ ବର୍ତ୍ତମାନ ବିଭିନ୍ନ ଅଜଣା ରୋଗ, ପ୍ରାକୃତିକ ବିପର୍ଯ୍ୟୟ, ବର୍ଦ୍ଧିତ ତାପମାତ୍ରା ଏବଂ ଗ୍ଲୋବାଲ୍ ୱାର୍ମିଂ ଭଳି ଘଟଣା ଘଟୁଛି । 'ସୁସ୍ଥ ଓ ସ୍ଥିର ପରିବେଶ କେବଳ ଏକ ସୁସ୍ଥ ସମାଜର ମୂଳଦୁଆ'ର ବାର୍ତ୍ତା ନେଇ ଆଗାମୀ ପିଢ଼ି ପାଇଁ ସୁରକ୍ଷିତ ପରବେଶ ଗଢ଼ି ତୋଳିବା ଏକାନ୍ତ ଆବଶ୍ୟକ ।

## ଯୁଗ୍ମ ଅଭିଯୋଗ ଶୁଣାଣି

**ରାୟଗଡ଼ା** ଜିଲ୍ଲା ପଦ୍ମପୁର ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ନିହାର ରଞ୍ଜନ କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ୱାଥି ଏସ୍.କୁମାର ଯୋଗଦେଇ ୬୦ଟି ଅଭିଯୋଗର ଶୁଣାଣି କରିଥିଲେ । ସେଥିରୁ ୫୩ଟି ବ୍ୟକ୍ତିଗତ ଓ ୭ଟି ସାମୂହିକ ଅଭିଯୋଗର ଶୁଣାଣି ହୋଇଛି ।

## ପଞ୍ଚାୟତ ପୁରସ୍କାର

ପଞ୍ଚାୟତିରାଜ ବ୍ୟବସ୍ଥାକୁ ସ୍ୱଚ୍ଛଳ କରିବା ପାଇଁ ରାଜ୍ୟ ପଞ୍ଚାୟତ ପୁରସ୍କାର ପ୍ରଦାନ କରାଯିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ କହିଛନ୍ତି । ଏହି ପୁରସ୍କାର ପାଇଁ ୪ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଯେଉଁ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦଗୁଡ଼ିକ ରାଜ୍ୟରେ ସୁଶାସନ, ଜୀବିକା

ସୁଦୃଢ଼ୀକରଣ ଓ ସାର୍ବଜନୀନ ଉତ୍କୃଷ୍ଟ ସେବା ପ୍ରଦାନ କରିବେ ସେମାନେ ଏହି ରାଜ୍ୟ ପଞ୍ଚାୟତ ପୁରସ୍କାର ପାଇବେ।

## ବନ୍ୟାସ୍ଥିତି

ଭଦ୍ରକ ଓ ଯାଜପୁରରେ ଆଉ ବନ୍ୟାସ୍ଥିତି ନାହିଁ ବୋଲି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି। ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ବର୍ତ୍ତମାନ ୯ ଦଶମିକ ୮/୦ ମିଟର ରହିଛି, ଯାହା ବିପଦସଂକେତ ତଳେ ପ୍ରବାହିତ ହେଉଛି। କୌଣସି ସ୍ଥାନରେ ଘାଇ ସୃଷ୍ଟି ହୋଇନାହିଁ ବୋଲି ଶ୍ରୀ ପାଢ଼ୀ କହିଛନ୍ତି। ହୀରାକୁଦ ଜଳଭଣ୍ଡାରରେ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି।

## ଚାଷଜମି ଜଳମଗ୍ନ

ବୈତରଣୀ ନଦୀରେ ବନ୍ୟା ଯୋଗୁଁ **ଭଦ୍ରକ** ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ଚାଷଜମି ଜଳମଗ୍ନ ହୋଇଡିଛି। ଚାନ୍ଦବାଲି, ତିହିଡି, ଧାମନଗର, ଭଣ୍ଡାରିପୋଖରି ବ୍ଲକ୍‌ର ୩୦ରୁ ଊର୍ଦ୍ଧ୍ୱ ପଂଚାୟତ ଜଳମଗ୍ନ ହୋଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି।

## ଫାଇଲେରିଆ ସଚେତନତା

**ଗଞ୍ଜାମ** ଜିଲ୍ଲାର ଗୋପାଳପୁର ଥାନାରେ ଜିଲ୍ଲା ସ୍ୱାସ୍ଥ୍ୟସମିତି ଇଣ୍ଡିଆନ୍ ମ୍ୟାନେଜମେଣ୍ଟ ଆଣ୍ଡ୍ ଟେକ୍‌ନିକାଲ ସୋସାଇଟି ଆଇଏମ୍‌ଟିଏସ୍'ର ମିଳିତ ସହଯୋଗରେ ଫାଇଲେରିଆ ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୋପାଳପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର

ଲୋକନାଥ ରେଡ୍ଡୀ ଯୋଗଦେଇ ଫାଇଲେରିଆର କାରଣ ଓ ନିରାକରଣ ସହ ଔଷଧ ସେବନର ଉପକାରିତା ଉପରେ ଆଲୋକପାତ କରିଥିଲେ। ଆସନ୍ତା ଅଗଷ୍ଟମାସ ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଫାଇଲେରିଆ ଔଷଧ ସେବକ କାର୍ଯ୍ୟକ୍ରମରେ ଭାଗନେଇ ସମସ୍ତେ ଔଷଧ ଖାଇବା ସହ ପରିବାର ଲୋକଙ୍କୁ ଔଷଧ ସେବନ କରାଇ ଫାଇଲେରିଆ ମୁକ୍ତ କରିବାକୁ ଗୁରୁତ୍ୱାରୋପ କରିଥିଲେ।

*******************************